୨୬/୦୨/୧୯୮୯

# ବିଧାନ ସଭାର ବଜେଟ୍ ଅଧିବେଶନ

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବଜେଟ୍ ଅଧିବେଶନର ସମୟ ଅନ୍ୟ ଅଧିବେଶନ ଗୁଡ଼ିକ ଅପେକ୍ଷା ଆମ ସମସ୍ତଙ୍କ ପାଇଁ ଅଧିକ ମହତ୍ତ୍ୱ ରଖେ। ସେହି ଅବସରରେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ବର୍ଷପାଇଁ ସରକାର ଯେଉଁ ଯୋଜନା ଏବଂ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ନିଷ୍ପତ୍ତି ନେଇଥାଆନ୍ତି ସେଗୁଡ଼ିକ ପାଇଁ ଅର୍ଥବରାଦର ବିଭିନ୍ନ ପ୍ରସ୍ତାବ ଅନୁମୋଦିତ ହୋଇଥାଏ। ମାନ୍ୟବର ସଭ୍ୟମାନେ ଏବଂ ଗଣମାଧ୍ୟମ ଜରିଆରେ ସଚେତନ ନାଗରିକମାନେ ଏସବୁ ବିଷୟରେ ଜାଣିବା ପାଇଁ, ଶୁଣିବାପାଇଁ ଏବଂ ଆଲୋଚନା କରିବାପାଇଁ ସୁଯୋଗ ପାଇଥାଆନ୍ତି। ତେଣୁ ଏ ଆଲୋଚନା ଯେତେ ପରିମାଣରେ ମୁକ୍ତ ଏବଂ ଯୁକ୍ତିଯୁକ୍ତ ହେବ ଆମ ଗଣତନ୍ତ୍ର ସେତିକି ସୁସ୍ଥ ହେବ।

କିନ୍ତୁ ଏହି ଅଧିବେଶନ ଗୁଡ଼ିକ ସମୟରେ ଯାହାସବୁ ଘଟୁଛି ତାହା ଉପରୋକ୍ତ ଆଭିମୁଖ୍ୟ ଠାରୁ ଏତେ ଭିନ୍ନ ଏବଂ ଦୂରବର୍ତ୍ତୀ ଯେ, ସେକଥା ଚିନ୍ତା କଲାବେଳେ ଆମ ବ୍ୟବସ୍ଥାର ସ୍ୱରୂପ ଏବଂ ସମ୍ଭାବନା ବିଷୟରେ ଶଙ୍କିତ ହେବାକୁ ପଡ଼େ। ମାନ୍ୟବର ସଭ୍ୟମାନେ ତଥ୍ୟ ଓ ଯୁକ୍ତିକୁ ଜଳାଞ୍ଜଳି ଦେଇ ଯେଉଁ ଭାଷାରେ ଏବଂ ଯେପରି ଭାବରେ ବ୍ୟକ୍ତିଗତ ସ୍ୱାର୍ଥସାଧନ ଏବଂ କୁତ୍ସାରଟନା ପାଇଁ ଏ ଅବସରଟିକୁ ବ୍ୟବହାର କରୁଛନ୍ତି, ସେ ଦୃଷ୍ଟିରୁ ବିଧାନସଭାର ଅଧିବେଶନ ଆମପାଇଁ ସେପରି କିଛି ଶିକ୍ଷଣୀୟ ବା ଉତ୍ସାହଜନକ ହେଉଛି ବୋଲି କହିହେବନାହିଁ। ଏହା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିବାରେ ଆଦୌ ସହାୟକ ହେଉନାହିଁ।

ବିଧାନସଭାର ଅଧିବେଶନ ପାରମ୍ପରିକ ରୀତିରେ ରାଜ୍ୟପାଳଙ୍କର ଅଭିଭାଷଣରୁ ହିଁ ଆରମ୍ଭ ହୋଇଥାଏ। କିନ୍ତୁ ଆମ ନୂଆ ରାଜ୍ୟପାଳ ଏଥର ଯେତେବେଳେ ଭାଷଣ ଦେବାକୁ ଆସିଲେ ବିରୋଧୀ ଦଳର ମାନ୍ୟବର ନେତା ବିଜୁବାବୁ ତାଙ୍କ ନିଜର ଲିଖିତ ଭାଷଣ ପଢ଼ିବାକୁ ଲାଗିଲେ। ଯଦି, ବିଜୁବାବୁ ବିରୋଧୀ ଦଳର ନେତାଙ୍କ ଭାଷଣରୁ ବିଧାନସଭାର

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଅଧିବେଶନ ଆରମ୍ଭ ହେବା ଉଚିତ୍ ବୋଲି ଭାବି ଏକ ନୂଆ ପରମ୍ପରା ସୃଷ୍ଟି କରିବାକୁ ଚାହୁଁଛନ୍ତି, ତା'ହେଲେ ତାହା ନିଶ୍ଚିତ ଭାବେ ପ୍ରଣିଧାନ ଯୋଗ୍ୟ। କିନ୍ତୁ ରାଜ୍ୟପାଳଙ୍କ ଭାଷଣ ନ ଶୁଣି ତା'ର ବିରୋଧ କରିବା କେତେ ଦୂର ଯୁକ୍ତିଯୁକ୍ତ ସେ ନିଜେ ତାହା ବିଚାର କରିବା କଥା। ଅବଶ୍ୟ ପରବର୍ତ୍ତୀ ସମୟରେ ଏକ ପ୍ରତୀକଧର୍ମୀ କକ୍ଷତ୍ୟାଗ କାର୍ଯ୍ୟକ୍ରମ ଦ୍ୱାରା ସେ ତାଙ୍କର ବିରୋଧ ପ୍ରକଟ କରିଛନ୍ତି। ରାଜ୍ୟପାଳଙ୍କ ଭାଷଣକୁ ନିରବରେ ଶୁଣି ଶାନ୍ତିପୂର୍ଣ୍ଣ ଭାବେ କକ୍ଷତ୍ୟାଗ କରିଥିଲେ, ବିରୋଧୀଦଳପାଇଁ ତାହା ଅଧିକ ସମ୍ମାନଜନକ ହୋଇଥାନ୍ତା ଏବଂ ସାଧାରଣ ନାଗରିକଙ୍କ ପାଇଁ ତାହା ମଧ୍ୟ ଗ୍ରହଣୀୟ ହୋଇଥାନ୍ତା। ଯଦି ବିରୋଧୀ ଦଳ ରାଜ୍ୟପାଳଙ୍କ ଭାଷଣ ନ ଶୁଣି କକ୍ଷତ୍ୟାଗ କରିଛନ୍ତି ବର୍ତ୍ତମାନ କେଉଁ ନ୍ୟାୟରେ ସେମାନେ ସେ ବିଷୟରେ ଆଲୋଚନା କରୁଛନ୍ତି ?

ରାଜ୍ୟପାଳଙ୍କ ଭାଷଣ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସଫଳତାର ବିବରଣୀ ହିସାବରେ ଉପସ୍ଥାପିତ ହୋଇଥାଏ। ଆମ ସରକାର ଜନସାଧାରଣଙ୍କୁ ଦେଇଥିବା ତାଙ୍କର ସମସ୍ତ ପ୍ରତିଶ୍ରୁତି ପାଳନ କରିଛନ୍ତି ବୋଲି ଏହି ଭାଷଣ ଜରିଆରେ ଦମ୍ଭର ସହିତ ଘୋଷଣା କଲେ, ୨ ଲକ୍ଷ ଅଧିକ ଯୁବକଙ୍କର କର୍ମସଂସ୍ଥାନ ପାଇଁ ଚିନ୍ତା କରୁଛନ୍ତି ବୋଲି ସୂଚନା ଦେଲେ, ଗିରିଜନ ଏବଂ ହରିଜନମାନଙ୍କ ପାଇଁ ହୋଇଥିବା ବିଶେଷ କାର୍ଯ୍ୟକ୍ରମ କଥା କହିଲେ, ଆମ ରାଜ୍ୟର ଶିଳ୍ପ ବିକାଶ ଜାତୀୟ ହାର ଠାରୁ ଅଧିକ ହୋଇଥିବା କଥା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାର କାର୍ଯ୍ୟକାରୀତାରେ ଆମ ରାଜ୍ୟ ଅନ୍ୟରାଜ୍ୟ ମାନଙ୍କ ଅପେକ୍ଷା ଯଥେଷ୍ଟ ଆଗରେ ରହିଛି ବୋଲି ଜଣାଇ ଗୌରବାନ୍ୱିତ ହେଲେ। ମୁଖ୍ୟମନ୍ତ୍ରୀ ଆଲୋଚନାରେ ଅଂଶଗ୍ରହଣ କରି ଆଗାମୀ ବର୍ଷ କୃଷି ଉତ୍ପାଦନ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ନୂଆ ଲକ୍ଷ୍ୟ ଏବଂ ସମ୍ଭାବନାର ସୂଚନା ଦେବା ସଙ୍ଗେ ସଙ୍ଗେ ବାରମ୍ବାର ମରୁଡ଼ି ପ୍ରପୀଡ଼ିତ ଜିଲ୍ଲାଗୁଡ଼ିକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କଥା ପ୍ରକାଶ କଲେ ଏବଂ ସର୍ବୋପରି କଳାହାଣ୍ଡି ଜିଲ୍ଲାରେ ଅନାହାର ମୃତ୍ୟୁ ଘଟିଥିବା କଥାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କଲେ। ବିରୋଧୀଦଳର ନେତା ଏବଂ ସଭ୍ୟମାନେ ଅନାହାର ମୃତ୍ୟୁ ଘଟଣା ଉଲ୍ଲେଖ କରି ଅପାରଗ ସରକାରର ଇସ୍ତଫା ଦାବୀ କଲେ ଏବଂ କଟୁ ସମାଲୋଚନା କଲେ। ଏସବୁ ଆମ ବ୍ୟବସ୍ଥାର ଏକ ସ୍ୱାଭାବିକ ପ୍ରକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ମୂଳ ପ୍ରଶ୍ନ ହେଲା ଏସବୁ ପଛରେ ତଥ୍ୟ କେତେ ଓ ଯୁକ୍ତି କେତେ ସେ ବିଷୟରେ କେହି ସେପରି ସଚେତନ ଥିଲାପରି ମନେ ହେଉନାହିଁ। ଆମେ ସମ୍ବାଦପତ୍ରମାନେ ମଧ୍ୟ ଜାଣତରେ ହେଉ, ବା ଅଜାଣତରେ ହେଉ ଏ ପ୍ରକାର ଔପଚାରିକ ବାକ୍ ଯୁଦ୍ଧରେ ପକ୍ଷଭୁକ୍ତ ହେଉଛୁ, ତଥ୍ୟ ଓ ଯୁକ୍ତିରୁ ଦୂରରେ ରହି ହାତବାରିସୀ ସାଜୁଛୁ।

ଅନାହାର ମୃତ୍ୟୁ କଥା ଆଲୋଚନା କରାଯାଉ। ସତରେ ହେଉ ବା ମିଛରେ ହେଉ ଏହା ଆମ ବିଶ୍ୱରେ କୋଣାର୍କ ମନ୍ଦିର, ଓଡ଼ିଶୀ ନୃତ୍ୟ ଏବଂ ଶ୍ରୀଜଗନ୍ନାଥଙ୍କଠାରୁ ଓଡ଼ିଶାକୁ ଚିହ୍ନେଇବାପାଇଁ ଅଧିକ ସଫଳ ହୋଇଛି। ଆମ ଜାତିପାଇଁ ଏହାଠାରୁ ଅଧିକ ଲଜ୍ଜାଜନକ ଅବସ୍ଥା ଆଉ କ'ଣ ହୋଇପାରେ ? ଅନାହାର ବା ଖାଦ୍ୟାଭାବ ଦୂର କରିବାପାଇଁ ଆମେ ଓଡ଼ିଆଏ ଅଣ୍ଟାଭିଡ଼ି ବାହାରିବୁ କ'ଣ ଅନାହାର ମୃତ୍ୟୁକୁ ପ୍ରମାଣ କରିବା ଏବଂ ସେ ପ୍ରମାଣକୁ ଅସତ୍ୟ ବୋଲି ପୁଣି ପ୍ରମାଣ କରିବା ଆମ ବିରୋଧୀ ଦଳ ଏବଂ ସରକାରଙ୍କର ଏକସୂତ୍ରୀ କାର୍ଯ୍ୟକ୍ରମ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସମ୍ବାଦପତ୍ରରେ ପ୍ରକାଶ ପାଉଛି, ଅନାହାର ମୃତ୍ୟୁ ଘଟୁଛି। କାଁ ଭାଁ ଘଟୁନାହିଁ, ଲୋକ ପୋକମାଛି ପରି ମରୁଛନ୍ତି। ବିରୋଧୀଦଳ ଦରିଦ୍ର ଓଡ଼ିଶାର ତଥାକଥିତ ମୃତ୍ୟୁକାଳୀନ ଫଟୋଚିତ୍ର ଉତ୍ତୋଳନ କରି ଦେଶ ବିଦେଶରେ ବିତରଣ କରିବାରେ ଯଥେଷ୍ଟ ଆତ୍ମତୃପ୍ତି ଲାଭ କରୁଛନ୍ତି। ଆମେ ଖବରକାଗଜ ବାଲାଏ ମଧ୍ୟ ଏଥିରୁ ବାଦ ପଡ଼ିନାହୁଁ।

କେତେଜଣ ସମ୍ପାଦକ ଖବର ଛାପିବା ପୂର୍ବରୁ ଯାଇ ସ୍ୱଚକ୍ଷୁରେ ଦେଖିଛନ୍ତି କଳାହାଣ୍ଡିରେ କ'ଣ ହେଉଛି ? ମୁଖ୍ୟମନ୍ତ୍ରୀ ତ କହିଲେଣି ସମ୍ବାଦପତ୍ରରେ ପ୍ରକାଶିତ ମୃତ୍ୟୁ ସମ୍ବାଦ ଭିତ୍ତିହୀନ। ସେ ନିଜେ ଯାଇ ବେଣାଦେଇ ଓ ତିଲୋଚନ ସୁନାନୀଙ୍କୁ ଭେଟି ଆସିଛନ୍ତି। ସେମାନେ କିପରି ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ମରିଗଲେ ? ଏ ହତ୍ୟାକାଣ୍ଡର ବିଚାର କରିବ କିଏ ? ସତ କ'ଣ, ମିଛ କ'ଣ ? ମୁଖ୍ୟମନ୍ତ୍ରୀ ଯଦି ସତରେ ମିଛ କହୁଛନ୍ତି, ତା'ହେଲେ ସେ ତାଙ୍କ ଦାୟିତ୍ୱ ପାଇଁ ଉପଯୁକ୍ତ ନୁହନ୍ତି ବୋଲି କହିବାକୁ ହେବ। କିନ୍ତୁ ସେ ଯଦି ସତ କହୁଥାନ୍ତି ତା'ହେଲେ ? ଅତୀତରେ ଏ ପ୍ରକାର ଅନୁଭବ ପ୍ରତି ଆମେ ଆମ ସମ୍ବାଦପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲୁ। ବେଦମତୀକୁ ମଧ୍ୟ ସେ ଜୀବିତ ଥିବାବେଳେ 'ସମାଜ'ର ସମ୍ପାଦକ ତାଙ୍କ କାଗଜରେ ମାରି ଦେଇଥିଲେ। ସେତେବେଳେ ବେଦମତୀ କହିଥିଲା ଯେ, ତାକୁ କିଛି ଟଙ୍କା ଦେଇ ନଙ୍ଗଳାରେ ତା'ର ଶୋଇପଡ଼ିଥିବାର ଫଟୋ ଉଠାଯାଇଥିଲା। ଆଜି ମୁଖ୍ୟମନ୍ତ୍ରୀଙ୍କର ଏ ଉକ୍ତି ପରିପ୍ରେକ୍ଷୀରେ ଅନୁରୂପ ସନ୍ଦେହ ହେବା ସ୍ୱାଭାବିକ। ରାଧାନାଥ ବାବୁଙ୍କର ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ କନ୍ଦଳ ଥାଇପାରେ। ବିଜୁବାବୁ ଏବଂ ତାଙ୍କର ସହଯୋଗୀମାନେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ହେବାପାଇଁ ଆଶା କରିବା ମଧ୍ୟ ସ୍ୱାଭାବିକ। କିନ୍ତୁ ବଞ୍ଚି ରହିଥିବା ଓଡ଼ିଆମାନଙ୍କୁ ମାରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାପାଇଁ ଆଶାକରିବା କେଉଁ ଗୌରବର ପରିଚାୟକ ?

ବର୍ତ୍ତମାନ ଜାନକୀବାବୁ କ'ଣ କରିଛନ୍ତି ନ କରିଛନ୍ତି ତାହା ଯେତେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ନୁହେଁ ଆମେ ଓଡ଼ିଆଏ କଳାହାଣ୍ଡିର ଭାଇ ଭଉଣୀମାନେ ଅନାହାରରେ ମରୁଥିବା ବେଳେ ତାଙ୍କ ପାଇଁ କ'ଣ କରିଛୁ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। କେତେଜଣ ସମ୍ପାଦକ ଖବର ଛାପିବା ପୂର୍ବରୁ ଯାଇ ସ୍ୱଚକ୍ଷୁରେ ଦେଖିଛନ୍ତି କଳାହାଣ୍ଡିରେ କ'ଣ ହେଉଛି ? କେତେଜଣ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ଓ ସରକାରୀ କର୍ମଚାରୀ ସ୍ୱେଚ୍ଛାରେ ଯାଉଛନ୍ତି ସେମାନଙ୍କର ସେବା କରିବା ପାଇଁ ? କେତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଛନ୍ତି ସେମାନଙ୍କପାଇଁ କିଛି, ଯେଉଁଠି ସରକାର ପଛେଇ ଯାଉଛନ୍ତି, ବୋଲି ଆମେ ଅଭିଯୋଗ କରୁଛୁ ?

ଆମ ସମ୍ବାଦପତ୍ରର ଏବଂ ଆମର ଏ ମନୋବୃତ୍ତି ସରକାର ଏବଂ ସରକାରୀ କଳକୁ ଆମ ପ୍ରତି ଅବଜ୍ଞା ପ୍ରଦର୍ଶନ କରିବାପାଇଁ ଉତ୍ସାହିତ କରୁଛି। ସରକାର ସବୁ ଠିକ୍ କରୁଛନ୍ତି ବୋଲି କହିବାପାଇଁ ତାଙ୍କୁ ସାହସ ଦେଉଛି। ଫଳରେ ଅସଲ ସତ୍ୟ ଲୋକଲୋଚନକୁ ଆସିପାରୁନାହିଁ। ଦାରିଦ୍ର୍ୟ ଦୂରୀକରଣ ହେଉ ବା ନ ହେଉ ଆମ ଗଣତନ୍ତ୍ର ଅଧିକ ଦରିଦ୍ର ହେଉଛି ଏବଂ ଆମେ ସ୍ୱାଭିମାନ ହରାଇ ବସୁଛୁ। ତା' ନ ହୋଇଥିଲେ ମୁଖ୍ୟମନ୍ତ୍ରୀ କହିପାରିଥାନ୍ତେ କି ଯେ, କାମଚଲା ରାଜ୍ୟପାଳରେ ସେପରି କିଛି ଅସ୍ୱାଭାବିକତା ନାହିଁ ? ଗୋଟିଏ ସାଧାରଣତନ୍ତ୍ର ଦିବସ ପାଳିତ ହେଲା, ଆମର ରାଜ୍ୟପାଳ ଉପସ୍ଥିତ ରହିଲେ ନାହିଁ ଅଥଚ ତା ସତ୍ତ୍ୱେ କୁଆଟିଏ ମଧ୍ୟ ଏଠି ରାବିଲା ନାହିଁ !